# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th March - 2025

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ଗୃହକାର୍ଯ୍ୟ ଆଜି ସ୍ୱାଭାବିକ ।

— ୨୦୨୬-୨୬ ଆର୍ଥିକ ବର୍ଷପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବୀ ଆଗତ କଲେ ବିଭାଗୀୟ ମନ୍ତ୍ରୀ ।

- ମଧ୍ୟାହ୍ନ ଭୋଜନରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯିବା ନେଇଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ।

- ନାଟକର ମୂଲ୍ୟ ଏବଂ ସମାଜରେ ତାର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ ।

ଏବଂ

- ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି ।

— ରାଜ୍ୟର ୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଝାରସୁଗୁଡ଼ା ସବୁଠାରୁ ଉତ୍ତପ୍ତ ସହର ।

***Desk***

# ବିଧାନସଭା

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଚତୁର୍ଦ୍ଦଶ ଦିନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ ରହିଛି । ପ୍ରଥମାର୍ଦ୍ଧ ବୈଠକରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ଜଳସମ୍ପଦ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ, ଇସ୍ପାତ ଓ ଖଣି, ଯୋଜନା ଓ ସଂଯୋଜନା, ବାଣିଜ୍ୟ, ସୂଚନା ଓ ଲୋକସମ୍ପର୍କ, ପରିବହନ ଆଦି ବିଭିନ୍ନ ବିଭାଗ ସମ୍ପର୍କିତ ପ୍ରଶ୍ନ ଉପରେ ଆଲୋଚନା ହେବାକୁ ଧାର୍ଯ୍ୟ ହୋଇଥିବାବେଳେ ମାତ୍ର ୪ଟି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା ।

ଦ୍ୱିତୀୟାର୍ଦ୍ଧ ଅଧିବେଶନ ଅପରାହ୍ଣ ୪ଟାରେ ଆରମ୍ଭ ହୋଇଥିଲା । ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୨୦୨୨-୨୩ ଓ ୨୦୨୩-୨୪ ବର୍ଷର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ । ସେହିପରି ଆଜି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ୨୦୨୫-୨୬ ଆର୍ଥିକ ବର୍ଷପାଇଁ ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୋଟ ୩ ହଜାର ୫୩୭ କୋଟି ୭୬ ଲକ୍ଷ ୫୨ ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ କରିଥିଲେ ।

*Desk*

# ବିଧାନସଭା - ଖଣି ରାଜସ୍ୱ

୨୦୨୪-୨୫ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ୩୯ ହଜାର ୨୪୨ କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ ହୋଇଥିବା ନେଇ ଆଜି ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ ମସିହାରେ ଖଣି ରାଜସ୍ୱ ୧୩ ହଜାର ୯୮୧ କୋଟି ଟଙ୍କା, ୨୦୨୧-୨୨ରେ ୪୯ ହଜାର ୮୫୯ କୋଟି ଟଙ୍କା, ୨୦୨୨-୨୩ରେ ୩୮ ହଜାର ୭୫ କୋଟି ଏବଂ ୨୦୨୩-୨୪ରେ ୪୬ ହଜାର ୩୯୬ କୋଟି ଟଙ୍କା ଆଦାୟ ହୋଇଛି । ଖଣି ଦୁର୍ନୀତି ସଂକ୍ରାନ୍ତ ତଦନ୍ତ କରିଥିବା ଶାହା କମିଶନ୍‌ଙ୍କ ରିପୋର୍ଟ ଅନୁସାରେ ୨୩ଟି ଖଣି ସଂକ୍ରାନ୍ତ ମାମଲାରେ ରାଜ୍ୟ ସରକାର ୨ ହଜାର ୭ ଶହ କୋଟି ଟଙ୍କାର ମାମଲା କରିଛନ୍ତି । ସେହିପରି ରାଜ୍ୟରେ ଲଘୁ ଖଣିଜ ପଦାର୍ଥରୁ ରାଜସ୍ୱ ମଧ୍ୟ ଆଦାୟ କରାଯାଉଛି ବୋଲି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ଗୃହରେ କହିଛନ୍ତି ।

*Desk*

# ବିଧାନସଭା - ପରିବହନ ନିଗମ

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ - ଓ.ଏସ୍.ଆର୍.ଟି.ସି. ଗତ ୨ ବର୍ଷ ମଧ୍ୟରେ ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷତି ସହିଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ବିଧାନସଭାରେ କହିଛନ୍ତି । ଏକ ପ୍ରଶ୍ନ ଉତ୍ତରରେ ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି, ଓ.ଏସ୍.ଆର୍.ଟି.ସି. ପକ୍ଷରୁ ବର୍ତ୍ତମାନ ୨୬୦ଟି ରୁଟ୍‌ରେ ମୋଟ୍ ୩୮୮ଟି ବସ୍ ଚଳାଚଳ କରୁଛି । ୨୦୨୩-୨୪ ଆର୍ଥିକ ବର୍ଷରେ ନିଗମ ୨୬ କୋଟି ୬୩ ଲକ୍ଷ ଟଙ୍କା କ୍ଷତି ସହିଥିବାବେଳେ ୨୦୨୨-୨୩ ବର୍ଷରେ ୧୮ କୋଟି ୮୩ ଲକ୍ଷ ଟଙ୍କା କ୍ଷତିର ସମ୍ମୁଖୀନ ହୋଇଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

*Desk*

# ସାମ୍ବାଦିକ - ଯୋଜନା

ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କପାଇଁ ୭ଟି କଲ୍ୟାଣକାରୀ ସୁବିଧା ପ୍ରଦାନ କରାଯାଉଛି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସ୍ୱାସ୍ଥ୍ୟବୀମା ଯୋଜନା ଅନ୍ତର୍ଗତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି । ଏଥିସହ ଜଣେ ସାମ୍ବାଦିକଙ୍କ ମୃତ୍ୟୁ

ହେଲେ ତାଙ୍କ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ପିଲାମାନଙ୍କୁ ସ୍କୁଲ ଶିକ୍ଷାପାଇଁ ମାସିକ ଦେଢ଼ହଜାର ଟଙ୍କା ଏବଂ ଉଚ୍ଚ ଶିକ୍ଷାପାଇଁ ମାସିକ ଅଢ଼େଇ ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ସ୍ଥାୟୀ ଭାବେ ଅକ୍ଷମ ସାମ୍ବାଦିକଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Desk***

## ମଧ୍ୟାହ୍ନ ଭୋଜନ

ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲ୍‌ର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ସାମିଲ୍ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏଥିପାଇଁ ସରକାର ବାର୍ଷିକ ୫୭୦ କୋଟି ୭୧ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ । ମୁଖ୍ୟମନ୍ତ୍ରୀଙ୍କ ପୋଷଣ ଯୋଜନା ବଜେଟ୍‌ରୁ ଏହି ଅର୍ଥ ଖର୍ଚ୍ଚ କରାଯିବ । ୨୦୨୫-୨୬ ଶିକ୍ଷା ବର୍ଷରୁ ଏହାକୁ ଲାଗୁ କରାଯିବ । ଛାତ୍ରଛାତ୍ରୀଙ୍କୁ ସ୍କୁଲ୍‌ରେ ୩ଟି ପୁଷ୍ଟିକର ଲଡୁ ସହ ଏକ ଅତିରିକ୍ତ ଅଣ୍ଡା ଦିଆଯିବ । ସୋମବାର, ବୁଧବାର ଓ ଶୁକ୍ରବାର ମଧ୍ୟାହ୍ନ ଭୋଜନରେ ଅଣ୍ଡା ଏବଂ ମଙ୍ଗଳବାର, ଗୁରୁବାର ଓ ଶନିବାର ପୋଷଣଯୁକ୍ତ ଲଡୁ ପ୍ରଦାନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

***Voice :.........***

*Desk, Nayagarh/R*

# ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି। ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି। ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ।

ଏହି ଦିବସ ଅବସରରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମଣିଷର ସୁଖ ଦୁଃଖ ଏବଂ ସମାଜରେ ଘଟୁଥିବା ଘଟଣାବଳୀକୁ ନେଇ ମଂଚ ନାଟକ ମାଧ୍ୟମରେ ଦର୍ଶକଙ୍କୁ ଭେଟି ଦେଉଥିବା କଳାକାରଙ୍କୁ ବିଶ୍ୱ ନାଟ୍ୟ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। **ଆଇନ୍ ମନ୍ତ୍ରୀ** ପୃଥ୍ୱୀରାଜ ହରିଚନ୍ଦନ ଏହି ଅବସରରେ ଶୁଭେଚ୍ଛା ଜଣାଇବା ସହ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ନାଟକ' ସୃଜନଶୀଳତା, ପ୍ରତିଭା ଏବଂ ଉତ୍ସାହର ଏକ ଉତ୍କୃଷ୍ଟ ମାଧ୍ୟମ।

ଏହି ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଇଛି।

ନୟାଗଡ଼ର ଏକ ପ୍ରମୁଖ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଜି ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ

ଅତିଥି ଭାବେ ଯୋଗଦେଇ ସମାଜରେ ନାଟକ ଜାଗରଣ ସୃଷ୍ଟି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ ।

*Boudh/R*

## ଜିଲ୍ଲାପାଳ - ପ୍ରକଳ୍ପ ସମୀକ୍ଷା

ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଆଜି ସମୀକ୍ଷା କରିଛନ୍ତି । ଜଗତି ଗ୍ରାମ ନିକଟସ୍ଥ ମହାନଦୀରେ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପ ଓ ସୁବର୍ଣ୍ଣପୁର ସ୍ଥିତ ଜଳ ବିଶୋଧନାଗାର ପରିଦର୍ଶନ କରିଥିଲେ । ସେହିପରି ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରାବାସ ଓ ସାହାଜପାଲଠାରେ ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀଙ୍କ ସଭାଗୃହ ପରିଦର୍ଶନ କରି ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Kalahandi/R*

## ଦକ୍ଷତା ବୃଦ୍ଧି ତାଲିମ୍

କଳାହାଣ୍ଡି ଜିଲ୍ଲାରେ ମାଓବିରୋଧୀ ଅଭିଯାନ ପାଇଁ ନିୟୋଜିତ ୬୪ ବାଟାଲିୟନ୍ ଓ ସି.ଆର୍.ପି.ଏଫ୍. ପକ୍ଷରୁ ଦିନିକିଆ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାଓ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବାହିନୀ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ବୃଦ୍ଧି କରିବା ସହ ସ୍ଥାନୀୟ ଲୋକଙ୍କ ଦକ୍ଷତା ବୃଦ୍ଧି ପାଇଁ ସେମାନଙ୍କୁ ମହମବତି, ଧୂପକାଠି ପ୍ରସ୍ତୁତି ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଇଛି ।

***Deogarh/R***

## ନିଶାମୁକ୍ତ ଭାରତ ଅଭିଯାନ

ଦେବଗଡ଼ ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନରେ ସ୍ୱେଚ୍ଛାସବୀମାନଙ୍କର ପ୍ରଶିକ୍ଷଣ ଶିବିରକୁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଛନ୍ତି । ଜିଲ୍ଲାକୁ ନିଶାମୁକ୍ତ କରିବାପାଇଁ ଏହି ଅଭିଯାନ ଏକ ଶ୍ରେଷ୍ଠ ପ୍ରୟାସ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ପୌର ପରିଷଦ ଓ ୩ଟି ବ୍ଲକ୍‌ରୁ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ଏଥିରେ ପ୍ରଶିକ୍ଷଣ ଦିଆଯାଇଥିଲା ।

***Gajapati/R***

## ପଞ୍ଚାୟତ ବିକାଶ ବୈଠକ

ଗଜପତି ଜିଲ୍ଲା ମୋହନା ବ୍ଲକ୍‌ରେ ଆଜି ଜାତୀୟ ପଞ୍ଚାୟତ ଦିବସ ଓ ପଞ୍ଚାୟତ ବିକାଶ ସୂଚକାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତରେ

କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବା ସହ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

*Nayagarh/R*

## ବାରୁଣୀ ସ୍ନାନ

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଦ୍ମବତୀ ଗ୍ରାମ ନିକଟ ମହାନଦୀ ବାରୁଣୀ ଘାଟରେ ଆଜି ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପବିତ୍ର ମହାବାରୁଣୀ ସ୍ନାନ ଅବସରରେ ବୁଡ଼ ପକାଇଛନ୍ତି । ପାରମ୍ପରିକ ପ୍ରଥା ଅନୁଯାୟୀ ପ୍ରାତଃ ସମୟରେ ମହାଦବେଙ୍କ ଚଳନ୍ତି ପ୍ରତିମାମାନଙ୍କୁ ଘଣ୍ଟ, ଘଣ୍ଟା, ଶଙ୍ଖ, ଢୋଲ ବଜାଇ ମହାନଦୀ ଘାଟକୁ ନିଆଯିବା ପରେ ସେଠାରେ ଶ୍ରୀଜିଉମାନଙ୍କୁ ସ୍ନାନ କରାଯାଇଥିଲା । ପରେ ବିଭିନ୍ନ ଗ୍ରାମରୁ ଆସିଥିବା ସୁସଜ୍ଜିତ ବିମାନରେ ଚଳନ୍ତି ପ୍ରତିମାଙ୍କ ମେଳନ ହୋଇଥିଲା ।

*Sambalpur/R*

## ସଚେତନତା ଶୋଭାଯାତ୍ରା

ସମ୍ବଲପୁର ଜିଲ୍ଲା ଯୁଯୁମରା ହାଇସ୍କୁଲ୍ ପକ୍ଷରୁ ‘ବେଟି ବଚାଓ, ବେଟି ପଢ଼ାଓ’ ଶୀର୍ଷକ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

ଏହି ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ଲୋକମାନଙ୍କୁ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶିକ୍ଷା ବିଭାଗର ବିଭିନ୍ନ ଅଧିକାରୀ ଯୋଗଦେଇ 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ ।

***HS***

## ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ - ଗ୍ରୀଷ୍ମ ମାର୍ଗଦର୍ଶିକା

ବୃଦ୍ଧି ପାଉଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ଆଜି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି । ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣ ତରଳ ପଦାର୍ଥ, ବରଫ, ଓ.ଆର୍.ଏସ୍. ସହ ଅନ୍ୟାନ୍ୟ ଜରୁରୀ ଉପକରଣ ମହଜୁଦ ରଖିବାକୁ ପତ୍ରରେ ଉଲ୍ଲେଖ କରାଯାଇଛି ।

*Met. O.*

# ପାଣିପାଗ

ରାଜ୍ୟରେ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଆସନ୍ତାକାଲିଠାରୁ ରବିବାର ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ନେଇ କେତେକ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତାକାଲିପାଇଁ ବୌଦ୍ଧ ଏବଂ ସମ୍ବଲପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଥିବାବେଳେ ଶନିବାର ପାଇଁ ୬ଟି ଜିଲ୍ଲାକୁ ସତର୍କ କରି ଦିଆଯାଇଛି। ସେଗୁଡ଼ିକ ହେଲା- ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର ଓ କଳାହାଣ୍ଡି। ଆଜି ୮ଟି ସହରର ଦିନ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରେକର୍ଡ଼ କରାଯାଇଥିବାବେଳେ ସର୍ବାଧିକ ତାପମାତ୍ରା ୪୧ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ଝାରସୁଗୁଡ଼ାଠାରେ ରେକର୍ଡ଼ କରାଯାଇଛି ।

*****